# NATIONAL NEWS BULLETIN (ODIA)

## 5 December - 2024

### Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଆଜି ମୁଖ୍ୟ ଅତିଥି ଭାବେ ଯୋଗଦେବେ ରାଷ୍ଟ୍ରପତି ।
- କୁଏତ୍' ଗଲ୍ଫ ସହଯୋଗ ପରିଷଦର ଅଧ୍ୟକ୍ଷ ଥିବା ଦୃଷ୍ଟିରୁ ଭାରତ ସହିତ ଏହାର ସଂପର୍କ ଅଧିକ ସଶକ୍ତ ହୋଇପାରିବ ବୋଲି ଆଶାବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ
- ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡନାବିସ ଆଜି ତୃତୀୟଥର ଲାଗି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

ଏବଂ

- ଏସିଆ କପ୍ ପୁରୁଷ ଜୁନିଅର ହକି-୨୦୨୪ ପ୍ରତିଯୋଗିତାରେ ଭାରତ ଚମ୍ପିୟାନ୍

## ରାଷ୍ଟ୍ରପତି - ଭୁବନେଶ୍ୱର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହାପରେ ସନ୍ଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱରଠାରେ ନ୍ୟାୟିକ ଅଦାଲତର ନୂତନ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ । ଏହି ୫ ମହଲା ବିଶିଷ୍ଟ ଅଟ୍ଟାଳିକାରେ ୫୫ଟି ଅଦାଲତ ପ୍ରକୋଷ୍ଠ ସହିତ  ଅତ୍ୟାଧୁନିକ ସୁବିଧା ସୁଯୋଗ ଉପଲବ୍ଧ ରହିଛି ।

ଆସନ୍ତାକାଲି ଓ ଶନିବାର ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ଶ୍ରୀମତୀ ମୁର୍ମୁ ତାଙ୍କର ଜନ୍ମସ୍ଥାନ ଉପରବେଡ଼ା ଗ୍ରାମବାସୀଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ଏତଦ୍‌ବ୍ୟତୀତ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଆଲୋଚନା କରିବେ । ପରେ ରାଷ୍ଟ୍ରପତି ବାଙ୍ଗିରୀପୋଷି-ଗୋରୁମହିଷାଣୀ, ବୁରମରା- ଚକୁଳିଆ ଏବଂ ବାଦାମପାହାଡ଼-କେଉଁଝର ଗଡ଼ ରେଳ ଲାଇନ୍, ଏକ ଜନଜାତି ଗବେଷଣା ଓ ବିକାଶ କେନ୍ଦ୍ର ସମେତ ଅନ୍ୟ କେତେକ ଜନକଲ୍ୟାଣକାରୀ ପ୍ରକଳ୍ପର ଶିଳାନ୍ୟାସ କରିବେ ।

ଅନ୍ୟପକ୍ଷରେ ଗତକାଲି ନୌସେନା ଦିବସ ଅବସରରେ ରାଷ୍ଟ୍ରପତି ପୁରୀର ବ୍ଲୁ ଫ୍ଲାଗ୍ ବେଳାଭୂମିରେ ଆୟୋଜିତ ଜାତୀୟ ସ୍ତରୀୟ ସମାରୋହରେ ଯୋଗଦେଇ ଉଦ୍‌ବୋଧନ ଦେଇଛନ୍ତି । ସେ କହିଛନ୍ତି, ଦେଶକୁ ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣଭାବେ ଆତ୍ମନିର୍ଭରଶୀଳ

କରିବାପାଇଁ ଲକ୍ଷ୍ୟ ରଖାଯାଇଛି । ଏ କ୍ଷେତ୍ରରେ  ସେନାବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।  ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରି ଶ୍ରୀମତୀ ମୁର୍ମୁ  କହିଛନ୍ତି, ଭାରତୀୟ ନୌସେନା, ମହିଳା ଅଗ୍ନିବୀରମାନଙ୍କୁ ପ୍ରଥମେ ସାମିଲ୍ କରି ଏ କ୍ଷେତ୍ରରେ ଏକ ଉଦାହାରଣ ସାଜିଛି। ଭାରତର ୫ ହଜାର ବର୍ଷ ପୁରୁଣା ନୌବାଣିଜ୍ୟ ସମୃଦ୍ଧ ପରମ୍ପରା ରହିଛି । ଦେଶରେ ୬୩ଟି ସ୍ୱଦେଶୀ ଜ୍ଞାନକୌଶଳରେ ବୁଡ଼ାଜାହାଜ ନିର୍ମାଣ କରାଯାଇଛି । ବିପର୍ଯ୍ୟୟ ପରିଚାଳନା ହେଉ ଅଥବା ଆତଙ୍କବାଦ ମୁକାବିଲା, ନୌସେନା ସବୁବେଳେ ଦେଶକୁ ସୁରକ୍ଷା ଦେଇଛି ବୋଲି ରାଷ୍ଟ୍ରପତି କହିଛନ୍ତି । ଏହି ଅବସରରେ ନୌସେନା ପକ୍ଷରୁ ବିଭିନ୍ନ ରଣକୌଶଳ ପ୍ରଦର୍ଶନ କରାଯାଇଥିଲା ।

ସୂଚନାଯୋଗ୍ୟ ଗତ ମଙ୍ଗଳବାରଠାରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ।

# ପିଏମ୍-କୁଏତ ଏଫ୍ଏମ୍

କୁଏତ୍' ଗଲ୍ଫ ସହଯୋଗ ପରିଷଦର ଅଧ୍ୟକ୍ଷ ଥିବା ଦୃଷ୍ଟିରୁ  ଭାରତ ସହିତ ଏହାର ସଂପର୍କ ଅଧିକ ସଶକ୍ତ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶାବ୍ୟକ୍ତ କରିଛନ୍ତି । ଗତକାଲି କୁଏତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଅବଦୁଲ୍ଲା ଅଲ୍ଲୀ ଅଲ୍  ୟାହ୍ୟା' ପ୍ରଧାନମନ୍ତ୍ରୀଙ୍କୁ ନୂଆଦିଲ୍ଲୀସ୍ଥିତ ସରକାରୀ ବାସଭବନରେ ସାକ୍ଷାତ ଅବସରରେ ଶ୍ରୀ ମୋଦୀ

ଏହା କହିଛନ୍ତି । ଉଭୟ ନେତା ଦୁଇଦେଶ ମଧ୍ୟରେ ବାଣିଜ୍ୟ, ପୁଞ୍ଜି ନିବେଶ, ଶକ୍ତି, ବୈଷୟିକ ଜ୍ଞାନକୌଶଳ, ସଂସ୍କୃତି ଏବଂ ଜନସଂପର୍କକୁ ଅଧିକ ସୁସଂହତ କରିବା ଦିଗରେ ଆଲୋଚନା କରିଥିଲେ । ସେହିଭଳି ପଶ୍ଚିମ ଏସିଆର ସଦ୍ୟତମ ସ୍ଥିତି ସଂପର୍କରେ ମତ ବିନିମୟ କରିବା ସହିତ ଏହି ଅଞ୍ଚଳରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ଉଦ୍ଦେଶ୍ୟରେ ସମର୍ଥନ ଯୋଗାଇଦେବାକୁ ଉଭୟ ନେତା ସହମତ ହୋଇଛନ୍ତି । ଏତଦ୍‌ବ୍ୟତୀତ କୁଏତରେ ବସବାସ କରୁଥିବା ୧୦ଲକ୍ଷରୁ ଊର୍ଦ୍ଧ୍ୱ ଭାରତୀୟଙ୍କର ଉପଯୁକ୍ତ ଯତ୍ନ ନେଉଥିବା ଦୃଷ୍ଟିରୁ ଶ୍ରୀ ମୋଦୀ କୁଏତର ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଇଣ୍ଡିଆ-କୁଏତ

କୁଏତ ସହିତ ବିଭିନ୍ନ କ୍ଷେତ୍ରରେ ଦ୍ୱିପକ୍ଷିୟ ସଂପର୍କକୁ ସଶକ୍ତ କରିବା ଦିଗରେ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର କହିଛନ୍ତି । ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଡକ୍ଟର ଜୟଶଙ୍କର ତାଙ୍କର କୁଏତ ପ୍ରତିପକ୍ଷ ଅବଦୁଲ୍ଲା ଅଲ୍ଲୀ ଅଲ୍  ୟାହ୍ୟାଙ୍କ ସହିତ ଦୁଇଦେଶ ମଧ୍ୟରେ ବହୁବିଧ କ୍ଷେତ୍ରରେ ଥିବା ସଂପର୍କକୁ ଅଧିକ ସଶକ୍ତ କରିବା ଦିଗରେ ଆଲୋଚନା କରିଥିଲେ । ଏହି ଅବସରରେ ଦୁଇ ନେତା ସଂପ୍ରତି ପଶ୍ଚିମ ଏସିଆର ସଦ୍ୟତମ ସ୍ଥିତି ଏବଂ ଭାରତର ଗଲ୍‌ଫ

ସହଯୋଗ ପରିଷଦ ସହିତ ସଂପର୍କ ଉପରେ ମଧ୍ୟ ମତ ବିନିମୟ କରିଛନ୍ତି ।

ଡକ୍ଟର ଜୟଶଙ୍କର କହିଛନ୍ତି ଭାରତ ଏବଂ କୁଏତ ମଧ୍ୟରେ ବହୁବର୍ଷ ଧରି ସଂପର୍କ ରହିଆସିଛି । ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଏବଂ ୨୦୩୫ ସୁଦ୍ଧା ନୂତନ କୁଏତ ଲକ୍ଷ୍ୟ ହାସଲ ଦ୍ୱାରା ଦୁଇଦେଶର ଉଚ୍ଚ ଆକାଂକ୍ଷା ପୂର୍ଣ୍ଣ ହୋଇପାରିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ସେ କହିଛନ୍ତି, କୁଏତରେ ବସବାସ କରୁଥିବା ଭାରତୀୟମାନେ ଦୁଇଦେଶ ମଧ୍ୟରେ ଏକ ଜୀବନ୍ତ ସେତୁ ଭାବେ କାର୍ଯ୍ୟ କରୁଛନ୍ତି ।

କୁଏତର ବୈଦେଶିକ ବ୍ୟାପାର ମନ୍ତ୍ରୀ କହିଛନ୍ତି ଭାରତ-କୁଏତ ମଧ୍ୟରେ ବହୁବର୍ଷ ଧରି ରହିଆସିଥିବା ଏହି ସଂପର୍କ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀରେ ପରିଣତ ହୋଇଛି । ବିଭିନ୍ନ କ୍ଷେତ୍ରରେ ଭାରତ' କୁଏତର ଏକ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଭାବେ କାର୍ଯ୍ୟ କରିଆସୁଛି । ଖାଦ୍ୟ ସୁରକ୍ଷା ଏବଂ ସାଇବର ସୁରକ୍ଷା ଦୁଇଦେଶ ମଧ୍ୟରେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । କୁଏତ ସରକାର ଏହା ଉପରେ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଅବଦୁଲ୍ଲା କହିଛନ୍ତି । ଏହି ଅବସରରେ ଦୁଇଦେଶ ମଧ୍ୟରେ ସହଯୋଗ ଲାଗି ବୈଦେଶିକ ମନ୍ତ୍ରୀସ୍ତରୀୟ ଏକ ଯୁଗ୍ମ ଆୟୋଗ ଗଠନ କରିବା ଉଦ୍ଦେଶ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

# ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ' ପ୍ରୋବା-ଥ୍ରୀ ମିଶନ୍ ଅନ୍ତର୍ଗତ ଆଜି ଅପରାହ୍ଣ ୪ଟା ୧୨ ମିନିଟ୍ ସମୟରେ ଶ୍ରୀହରିକୋଟା ସ୍ଥିତ ସତୀଶ ଧବନ ମହାକାଶ କେନ୍ଦ୍ରରୁ ପି.ଏସ୍.ଏଲ୍.ଭି. ସି-୫୯ର ଉତ୍କ୍ଷେପଣ କରିବ । ପ୍ରୋବା-ଥ୍ରୀ ମହାକାଶ ଯାନରେ ଗତକାଲି ତ୍ରୁଟି ପରିଲକ୍ଷିତ ହେବାରୁ ଏହାର ଉତ୍କ୍ଷେପଣ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଥିଲା ।

# ଦେବେନ୍ଦ୍ର ଓଥ୍

ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡନାବିସ ଆଜି ତୃତୀୟଥର ଲାଗି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଆଜି ଅପରାହ୍ନ ୫ଟା ୩୦ ମିନିଟ୍ ସମୟରେ ମୁମ୍ବାଇର ଐତିହାସିକ ଆଜାଦ ମଇଦାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀ ଫଡନାବିସଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଗତକାଲି ବିଜେପି ସଂସଦୀୟ ଦଳର ନେତା ଭାବେ ଶ୍ରୀ ଫଡନାବିସ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ପରେ ସେ ତାଙ୍କର ସହଯୋଗୀ ଦଳ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଓ ଏନସିପି ମୁଖ୍ୟ ଅଜିତ ପାୱାରଙ୍କ ସହିତ ରାଜ୍ୟପାଳଙ୍କୁ ଭେଟିଥିଲେ । ପୂର୍ବରୁ ରାଜ୍ୟପାଳ

ରାଜ୍ୟରେ ନୂତନ ସରକାର ଗଠନ କରିବା ଲାଗି ଶ୍ରୀ ଫଡନାବିସଙ୍କୁ ନିମନ୍ତ୍ରଣ କରିଥିଲେ ।

ଆଜିର ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏନ୍‌ଡିଏ ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟପାଳଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ଫଡନାବିସ କହିଛନ୍ତି, ଶିବସେନା ଓ ଏନସିପି ବ୍ୟତୀତ ରାଷ୍ଟ୍ରୀୟ ସମାଜ ପକ୍ଷ, ଜନସୁରାଜ୍ୟ ଶକ୍ତି ପାର୍ଟି, ଯୁବ ସ୍ୱାଭିମାନ ପକ୍ଷର ରବି ରାଣା ଏବଂ ଅନ୍ୟ ୨ ଜଣ ସ୍ୱାଧୀନ ବିଧାୟକ ତାଙ୍କୁ ସମର୍ଥନ ଦେଉଛନ୍ତି । ଚଳିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୨୮୮ ଆସନରୁ ବିଜେପି ଏକାକୀ ୧୩୨ଟିରେ ବିଜୟୀ ହୋଇଛି ବୋଲି ଶ୍ରୀ ଫଡନାବିସ ଗଣମାଧ୍ୟମକୁ କହିଛନ୍ତି ।

# ସୋରେନ୍-କ୍ୟାବିନେଟ୍

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଆଜି ତାଙ୍କର କ୍ୟାବିନେଟ୍ ସଂପ୍ରସାରଣ କରିବେ । ଏହି ସଂପ୍ରସାରଣ ଫଳରେ ମୋଟ୍ ୧୧ଜଣ ମନ୍ତ୍ରିମଣ୍ଡଳରେ ସାମିଲ ହେବେ । ଅପରାହ୍ନ ୧୨ଟା ୩୦ ମିନିଟ୍‌ରେ ରାଞ୍ଚିସ୍ଥିତ ରାଜଭବନଠାରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର

ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଜେଏମ୍ଏମ୍‌ର ୬ ଜଣ, କଂଗ୍ରେସର ୪ ଜଣ ଓ ଆର୍‌ଜେଡିର ଜଣେ ସଦସ୍ୟ ଆଜି ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ ।

## ସାକ୍ଷରତା ଅଭିଯାନ

ପ୍ରଧାନମନ୍ତ୍ରୀ ଗ୍ରାମୀଣ ଡିଜିଟାଲ୍ ସାକ୍ଷରତା ଅଭିଯାନ ଅଧୀନରେ ସରକାର ୬ କୋଟି ଅଣଚାଳିଶ ଲକ୍ଷ ବ୍ୟକ୍ତିଙ୍କୁ ତାଲିମ ପ୍ରଦାନ କରିଛନ୍ତି । ଗତକାଲି ଲୋକସଭାରେ ଏ ସଂପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦେଶର ଗ୍ରାମାଞ୍ଚଳରେ ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଲାଗି କେନ୍ଦ୍ର ସରକାର ଅନେକ ଅଭିଯାନ ଆରମ୍ଭ କରିଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ସୂଚନା ପ୍ରଯୁକ୍ତି ଦକ୍ଷତାର ରାଜଧାନୀ ଭାବେ ଉଭା ହୋଇଛି ବୋଲି ଶ୍ରୀ ପ୍ରସାଦ କହିଛନ୍ତି ।

## ଭୁଟାନ କିଙ୍ଗ୍

ଭୁଟାନର ରାଜା ଜିଗ୍‌ମେ ଖେସାର୍ ନାମ୍‌ଗେଲ୍ ଓ୍ୱାଙ୍ଗ୍‌ଚୁକ୍ ଓ ରାଣୀ ଜେକ୍‌ସାନ୍ ପେମା ଓ୍ୱାଙ୍ଗଚୁକ୍ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ସମୟରେ ଭୁଟାନର ରାଜା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସହିତ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଭାରତ ଓ ଭୁଟାନ

ମଧ୍ୟରେ ବିଶ୍ୱାସ ଏବଂ ଆପୋଷ ବୁଝାମଣା ଉପରେ ପର୍ଯ୍ୟବେସିତ ଏକ ଅନ୍ୟନ୍ୟ ବନ୍ଧୁତ୍ୱ ଓ ସହଯୋଗ ରହିଆସିଛି । ଭୁଟାନ ରାଜାଙ୍କର ଏହି ଗସ୍ତ ଅବସରରେ ଦୁଇପକ୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଥିବା ଭାଗିଦାରୀ ଏବଂ ସହଯୋଗକୁ ଅଧିକ ସଶକ୍ତ କରିବା ସହିତ ସମୀକ୍ଷା କରିବାର ସୁଯୋଗ ମିଳିବ ବୋଲି ଆଶା କରାଯାଉଛି ।

## ହକି ଚମ୍ପିୟାନ୍

ଏସିଆ କପ୍ ପୁରୁଷ ଜୁନିଅର ହକି-୨୦୨୪ ପ୍ରତିଯୋଗିତାରେ ଭାରତ ଚମ୍ପିୟାନ୍ ହୋଇଛି । ଗତକାଲି ମୁସ୍କାଟ୍ ଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ତା'ର ଚିର ପ୍ରତିଦ୍ୱନ୍ଦୀ ପାକିସ୍ତାନକୁ ୫-୩ ଗୋଲ୍‌ରେ ପରାସ୍ତ କରିଛି ।  ଭାରତ ପକ୍ଷରୁ ଅରିଜିତ ସିଂ ହୁନ୍ଦାଲ  ୪ଟି ଗୋଲ୍ ଦେଇଥିବା ବେଳେ  ଦିଲ୍‌ରାଜ ସିଂ ଅନ୍ୟ ଏକ ଗୋଲ୍ ଦେଇଥିଲେ । ସେହିଭଳି ପାକିସ୍ତାନ ପକ୍ଷରୁ ସୁଫିଆନ୍ ଖାନ୍ ୨ଟି ଓ ହନଦ୍ ସହିଦ ଅନ୍ୟ ଗୋଲ୍‌ଟି ଦେଇଥିଲେ । ଏହି ବିଜୟ ସହିତ ଭାରତ ପଞ୍ଚମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ୍ ହୋଇଛି । ପୂର୍ବରୁ ୨୦୦୪, ୨୦୦୮, ୨୦୧୫ ଓ ୨୦୨୩ ମସିହାରେ ଭାରତ ଚମ୍ପିୟାନ୍ ହୋଇଥିଲା । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ହକି ଇଣ୍ଡିଆ କହିଛି, ଭାରତୀୟ ଦଳ ହକି ପ୍ରତିଯୋଗିତାର ପ୍ରତ୍ୟେକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଥିବାରୁ ପୁଣି ଥରେ ଏସିଆ ମହାଦେଶରେ ସେମାନେ ସର୍ବୋଚ୍ଚ ସ୍ଥାନ ବଜାୟ ରଖିପାରିଛନ୍ତି ।